# ଭୟ[୧]

ଭୟ ଲାଗୁଛି ।।
କାହାକୁ?
ହୋଇପାରେ
ନିଜର ଛାଇକୁ ।।

ଏବେ ଛାଇମାନଙ୍କ
ହାତରେ
କ୍ଷୁଧାର ଭୁଜାଲି ।।
ବିଚ୍ ରାସ୍ତାରେ
ଧର୍ଷିତାର ଛିଣ୍ଡା ଶାଢ଼ୀ ।।

କୋଉ ଚଳଚ୍ଚିତ୍ରର
ନାୟିକା ହୋଇପାରେ ।।
ହୋଇପାରେ
ପେଟ ପାଇଁ
ରାତ୍ରିମାନଙ୍କୁ ଡାକୁଥିବା
ଆଖି ।।

ଭୟ ଲାଗୁଛି ।।
ବେଦ ଭିତରୁ
ଦେବ ଶିଶୁର ମୁହଁ ଦିଶୁଛି
ରାବଣର
ଅବିକଳ ମୁହଁ ପରି ।।
ଭୟ ଲାଗୁଛି ।।
କାହାକୁ?
ଛାଇକୁ??

[୧] ସମାରୋହ – ଫେବୃଆରୀ – ୧୯୯୮